# ମଣି ତିରୁମାଲା ବାସଗୃହ ପ୍ରକଳ୍ପର ଶୁଭାରମ୍ଭ

## ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ୫୮୮ ୟୁନିଟ

ଭୁବନେଶ୍ୱର: ମଣି ଗ୍ରୁପ ପକ୍ଷରୁ ମଣି ତିରୁମାଲା ନାମରେ ୧.୨ ନିୟୁତ ବର୍ଗଫୁଟ ପରିମିତ ଅଞ୍ଚଳରେ ଏକ ଆବାସିକ ପ୍ରକଳ୍ପର ଶୁଭାରମ୍ଭ ଶୁକ୍ରବାର କରାଯାଇଛି। ଭୁବନେଶ୍ୱର-ନନ୍ଦନକାନନ ରାସ୍ତା କଡରେ ନିର୍ମାଣାଧୀନ ଏହି ପ୍ରକଳ୍ପରେ ୧୩ ଓ ୧୪ ମହଲା ବିଶିଷ୍ଟ ୧୧ଟି ଟାୱାର ରହିବ ଏବଂ ଏହା ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୮୮ଟି ଆବାସିକ ୟୁନିଟ ତିଆରି କରାଯିବ। ସେଥିମଧ୍ୟରେ ଦୁଇ ଓ ତିନି ବେଡରୁମ ଗେଷ୍ଟ ୟୁନିଟ ଏବଂ ଅଳ୍ପ ସଂଖ୍ୟକ ୪ ବେଡରୁମ ବିଶିଷ୍ଟ ଫ୍ଲାଟ ରହିବ ବୋଲି ମଣି ଗ୍ରୁପ ସିଇଓ ସଞ୍ଜୟ ଝୁନଝୁନୱାଲା କହିଛନ୍ତି।

ଏହି ପ୍ରକଳ୍ପର ଶୁଭାରମ୍ଭ ବିଷୟ ଘୋଷଣା କରିବା ଅବସରରେ ଶ୍ରୀ ଝୁନଝୁନୱାଲା କହିଥିଲେ ଯେ ଏହି ପ୍ରକଳ୍ପରେ ପର୍ଯ୍ୟାପ୍ତ ସବୁଜ ଖାଲି ସ୍ଥାନ ରଖାଯିବା ସହିତ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ମଧ୍ୟ ରହିବ। ୮୦ ଭାଗ ଫ୍ଲାଟର ତିନିଦିଗ ଖୋଲା ରହିବାବେଳେ ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଂ, ଉଚ୍ଚ ମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଓ ଭୂକମ୍ପ ସୁରକ୍ଷା ସହିତ ପ୍ରତି ଘରେ କାମ କରୁଥିବା ସହାୟକମାନଙ୍କ ପାଇଁ ଅଲଗା ରହିବା ବ୍ୟବସ୍ଥା ରହିଛି। ଏହା ବ୍ୟତୀତ




ଖେଳ ଗୃହ, ଷ୍ଟମ ବାଥ, ସ୍ପା, ସୁଇମିଂ ପୁଲ, ଧ୍ୟାନ ଗୃହ, ଜିମ୍, ଅପେକ୍ଷା ସ୍ଥାନ, କଫି ସପ ପ୍ରଭୃତି ରହିଛି। ଶ୍ରୀ ଝୁନଝୁନୱାଲା କହିଥିଲେ ଯେ ତାଙ୍କ କମ୍ପାନୀ ଜନସାଧାରଣଙ୍କୁ ଉଚ୍ଚ ମାନର ବାସଗୃହ ଯୋଗାଇଦେବା ଲକ୍ଷ୍ୟନେଇ କାର୍ଯ୍ୟ କରୁଛି। ଗତ ପ୍ରାୟ ତିରିଶ ବର୍ଷ ମଧ୍ୟରେ ଏହି ଗ୍ରୁପ ୫୦ଟି ସ୍ଥାନରେ ୫ ନିୟୁତ ବର୍ଗଫୁଟର ଆବାସିକ ଏବଂ ବ୍ୟାବସାୟିକ ସ୍ଥଳ ନିର୍ମାଣ କରିସାରିଛି। ତାହାସହିତ ଏହି ଗ୍ରୁପ ହୋଟେଲ, ରିଟେଲ, ଆଇଟି ଶିକ୍ଷା ଏବଂ ଶକ୍ତି କ୍ଷେତ୍ରରେ ନିଜର ବ୍ୟାବସାୟିକ ସମ୍ପ୍ରସାରଣ କରିଛି। କଲକାତା, ଦୁର୍ଗାପୁର, ଜୟପୁର, ଭୁବନେଶ୍ୱର ଓ ସିଲିଗୁଡି ପ୍ରଭୃତି ସ୍ଥାନରେ ମୋଟ ୧୧.୨୬ ନିୟୁତ ବର୍ଗଫୁଟ ଅଞ୍ଚଳରେ ଏହା ସମ୍ପ୍ରତି ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଏହି ଅବସରରେ ମଣି ତ୍ରିରୁମାଲାର ପାର୍ଟନର ଆଶିଷ ଉପସ୍ଥିତ ଥିଲେ।